بسم الله الرحمٰن الرحيم

ଖୁତବା ଜୁମା ୮ ମାର୍ଚ୍ଚ ୨୦୧୯ର ସାରାଂଶ

ସ୍ଥାନ- ମସଜିଦ୍ ବୟତୁଲ୍ ଫୁତୁହ୍, ମର୍ଡନ୍ ଲଣ୍ଡନ

# ଆଁହଜ଼ରତ୍ ସ.ଅଙ୍କ ସର୍ବୋଚ୍ଚ ତଥା ପଦମର୍ଯ୍ୟାଦା ସଂପନ୍ନ ବଦରୀ ସାହାବାମାନଙ୍କର ବିଶ୍ୱାସବର୍ଦ୍ଧକ, ହୃଦୟଦ୍ରାବୀ ଓ ମନୁସ୍ପକର ଚର୍ଚ୍ଚା ।

ତଶହୁଦ୍, ତଉଜ୍ ଏବଂ ସୁରେ ଫାତିହାର ଆବୃତ୍ତି ପରେ ହୁଜୁର ଅନୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜ଼ିଜ୍ କହିଲେ : କ୍ୱୈସ୍ ବିନ୍ ମେହ୍ ସନ୍ ଅନସାରୀ ନାମକ ଜଣେ ସାହାବି ଥିଲେ । ସେ ବନୁ ଜୁରୈକ୍ ସଂପ୍ରଦାୟଭୁକ୍ତ ଥିଲେ । ସେ ବଦର୍ ଏବଂ ଓହୋଦ୍ ଯୁଦ୍ଧରେ ଶାମିଲ୍ ହୋଇଥିଲେ । ପରବର୍ତ୍ତୀ ସାହାବି ହେଉଛନ୍ତି ହଜ଼ରତ୍ ଜୁବୈର୍ ବିନ୍ ଅୟାଜ୍ ର.ଅ । ସେ ବନୁ ଜୁରୈକ୍ ଶାଖା ଅନ୍ତର୍ଗତ ବନୁ ଖଜ଼ରଜ୍ ସଂପ୍ରଦାଭୁକ୍ତ ଥିଲେ । ସେ ବଦର୍ ଯୁଦ୍ଧରେ ଶାମିଲ୍ ହୋଇଥିଲେ । ଆହଦିସରେ ଉଲ୍ଲେଖ ରହିଛି ଯେ, ଆଁହଜ଼ରତ୍ ସ.ଅଙ୍କ ଉପରେ ନାଉଜୁ ବିଲ୍ଲାଃ ଜଣେ ଇହୁଦୀ ଲୋକ ଜାଦୁ ବିଦ୍ୟାର ପ୍ରୟୋଗ କରି ଦେଇଥିଲା । ଯାହାର ପ୍ରଭାବ ଆଁହଜ଼ରତ୍ ସ.ଅଙ୍କ ଉପରେ ଏବଂ ରିୱାୟତରେ ଏହା ମଧ୍ୟ ଉଲ୍ଲେଖ ରହିଛି ଯେ ପାନିଆ ଓ କେଶ ଉପରେ ଏହି ଜାଦୁ ବିଦ୍ୟା ପ୍ରୟୋଗ କରି ଗଜ଼ୱାନ୍ ନାମକ ଏକ କୂଅ ମଧ୍ୟକୁ ଏହି ବସ୍ତୁ ସମୂହକୁ ଫିଙ୍ଗି ଦିଆଯାଇଥିଲା ଏବଂ ପରବର୍ତ୍ତୀ ମୁହୂର୍ତ୍ତରେ ହୁଜୁର ସ.ଅ ଏହି ବସ୍ତୁକୁ କୂପରୁ କାଢ଼ି ଥିଲେ । ସହି ବୁଖାରୀର ଶରାହ୍ (ବିଭିନ୍ନ ତଥ୍ୟ ସମ୍ବଳିତ ବା ସହାୟକ ପୁସ୍ତକ) ଫତହୁଲ୍ ବାରୀରେ ଉଲ୍ଲେଖ୍ ରହିଛି ଯେ ସେହି ପାନିଆ ଏବଂ କେଶକୁ ହଜ଼ରତ୍ ଜୁବୈର୍ ବିନ୍ ଅୟାଜ୍ ର.ଅ କୂପରୁ କାଢ଼ି ଥିଲେ । ଅନ୍ୟ ଏକ ରିୱାୟତ୍ ଅନୁଯାୟୀ ଏହି ପାନିଆ ଏବଂ କେଶକୁ କ୍ୱୈସ୍ ବିନ୍ ମେହ୍ ସନ୍ ର.ଅ କାଢ଼ି ଥିଲେ । ଏହି କାରଣରୁ ମୁଁ ଏହି ଦୁଇ ଜଣ ସାହାବିଙ୍କର ଏକତ୍ରଭାବେ ଚର୍ଚ୍ଚା କରିଲି । ଏମାନଙ୍କ ମଧ୍ୟରୁ କିଏ ଏହି ତନ୍ତ୍ର ଯୁକ୍ତ ବସ୍ତୁକୁ କାଢ଼ିଥିଲା ତାହା ଏତେ ଗୁରୁତ୍ୱ ନୁହେଁ ବରଂ ପ୍ରକୃତ କଥା ହେଲା ଯେ, କ'ଣ ଆଁହଜ଼ରତ୍ ସ.ଅଙ୍କ ଉପରେ କୌଣସି ଜାଦୁ ବା ତନ୍ତ୍ର ବିଦ୍ୟାର ପ୍ରଭାବ ପଡ଼ିଥିଲା ? ଏହା ପଛରେ କ'ଣ ବାସ୍ତବତା ବା ଗୋପନ ତଥ୍ୟ ରହିଛି ? ଏହି କଥା ଉପରେ ଆମମାନଙ୍କର କ'ଣ ସବୁ ଦୃଷ୍ଟିକୋଣ ରହିଛି ତାହା ଆମମାନଙ୍କୁ ଜଣାଥିବା ଦରକାର ବା ଜାଣି ରଖିବା ଉଚିତ୍ ।

ହୁଜୁର୍ ଅନୱର୍ ଅ.ବ କହିଲେ ଯେ, ରସୁଲ୍ କରୀମ୍ ସ.ଅଙ୍କର ଅସୁସ୍ଥ ହୋଇଯିବା ଏବଂ ଲୋକମାନଙ୍କର ଏହା ଭାବିବା ଯେ, ହୁଜୁର୍ ସ.ଅଙ୍କ ଉପରେ ଇହୁଦୀମାନଙ୍କ ତରଫରୁ ଜାଦୁ ପ୍ରୟୋଗ ହୋଇଛି । ଏହି ଘଟଣା ଯେଉଁ ଶବ୍ଦରେ ବର୍ଣ୍ଣନା ହୋଇଛି ସେହି ସବୁ ଶବ୍ଦଗୁଡ଼ିକ ଏହି କ୍ରମରେ ବର୍ଣ୍ଣିତ ହୋଇଛି ଯଥା, ହଜ଼ରତ୍ ଆଏଶା ର.ଅଙ୍କଠୁ ବର୍ଣ୍ଣନା କରାଯାଏ ଯେ, ନବୀ କରୀମ୍ ସ.ଅଙ୍କ ଉପରେ ଇହୁଦୀମାନଙ୍କ ତରଫରୁ ଜାଦୁ କରାଗଲା ଯାହାର ପ୍ରଭାବ ଏତେ ମାତ୍ରାରେ ପଡ଼ିଲା ଯେ, ହୁଜୁର୍ ସ.ଅ ବେଳେବେଳେ ଏହା ମନେକରୁଥିଲେ ଯେ, ମୁଁ ଅମକ କାମଟି କରିଦେଇଛି । ହେଲେ ହୁଜୁର୍ ସ.ଅ ତାହା କରିନଥିଲେ । ଏକଦା ରସୁଲୁଲ୍ଲାଃ ସ.ଅ ଅଲ୍ଲାଃତାଲାଙ୍କ ନିକଟରେ ପ୍ରାର୍ଥନା କଲେ ଏବଂ କହିଲେ ହେ ଆଏଶା ର.ଅ ! ମୁଁ ଅଲ୍ଲାଃତାଲାଙ୍କ ଠାରୁ ଯାହାକିଛି ମାଗିଥିଲି ଅଲ୍ଲାଃତାଲା ମୋର ସେହି ସବୁ ପ୍ରାର୍ଥନା ସ୍ୱୀକାର କରି ମୋତେ ତାହା ପ୍ରଦାନ କରିଛନ୍ତି । ହଜ଼ରତ୍ ଆଏଶା ର.ଅ ବର୍ଣ୍ଣନା କରନ୍ତି ମୁଁ କହିଲି ଯେ, ହେ ରସୁଲୁଲ୍ଲାଃ ଏମିତି କ'ଣ ରହିଛି ଯାହା ଆପଣ ଅଲ୍ଲାଃତାଲାଙ୍କ ଠାରୁ ମାଗିଥିଲେ ? ପ୍ରତ୍ୟୁତ୍ତରରେ ହୁଜୁର୍ ସ.ଅ କହିଲେ ଯେ, ମୋ ପାଖକୁ ଦୁଇ ଜଣ ବ୍ୟକ୍ତି ଆସିଥିଲେ । ଜଣେ ମୋ ମୁଣ୍ଡ ପାଖରେ ବସି ପଡ଼ିଲା ଏବଂ ଅନ୍ୟ ଜଣେ ମୋର ପାଦ ପାଖରେ ବସି ପଡିଲା । ପୁନଶ୍ଚ ସେହି ବ୍ୟକ୍ତି ଯିଏ ମୋ ମୁଣ୍ଡ ପାଖରେ ବସିଥିଲା ସେହି ବ୍ୟକ୍ତି ଜଣକ ମୋ ପାଦ ପାଖରେ ବସିଥିବା ବ୍ୟକ୍ତିକୁ ସମ୍ବୋଧିତ କରି କହିଲା ଯେ ଏହି ବ୍ୟକ୍ତି ଅର୍ଥାତ୍ ହଜ଼ରତ୍ ମହମ୍ମଦ୍ ସ.ଅଙ୍କୁ କେଉଁ (କଥା) କଷ୍ଟ ବା ବ୍ୟଥିତ କରିଛି ? ତେବେ ଅନ୍ୟ ବ୍ୟକ୍ତି ଜଣକ ଉତ୍ତର ଦେଲା ଯେ, ଆଁହଜ଼ରତ୍ ସ.ଅଙ୍କ ଉପରେ ତନ୍ତ୍ର ବିଦ୍ୟାର ପ୍ରୟୋଗ କରଯାଇଛି । ପ୍ରଥମ ବ୍ୟକ୍ତି ପଚାରିଲା ଯେ, କିଏ ଜାଦୁ ବା ତନ୍ତ୍ର କରିଛି ? ତେବେ ଦ୍ୱିତୀୟ ବ୍ୟକ୍ତି ଜଣକ ଉତ୍ତର ଦେଲା ଯେ, ଲବିଦ୍ ବିନ୍ ଆସିମ୍ ନାମକ ଏକ ଇହୁଦୀ ବ୍ୟକ୍ତି ଜାଦୁ କରିଛି । ସୁତରାଂ ପ୍ରଥମ ବ୍ୟକ୍ତି ଜଣକ କହିଲା ଯେ, କେଉଁ ବସ୍ତୁ ଉପରେ ଏହି ତନ୍ତ୍ର ବା ଜାଦୁ ବିଦ୍ୟାର ପ୍ରୟୋଗ କରାଯାଇଛି ? ତେବେ ଦ୍ୱତୀୟ ବ୍ୟକ୍ତି ଜଣକ କହିଲା ଯେ, ପାନିଆ ଓ ଖଜୁରୀର ମଞ୍ଜରୀ ବା ଗୁଚ୍ଛର ଭିତରେ । ପ୍ରଥମ ବ୍ୟକ୍ତି ପଚାରିଲା ଯେ, ଏହି ବସ୍ତୁ ଗୁଡ଼ିକ କେଉଁଠି ଅବସ୍ଥିତ ରହିଛି । ତେବେ ଦ୍ୱିତୀୟ ବ୍ୟକ୍ତି କହିଲା ଯେ ଏହି ବସ୍ତୁ ଗୁଡ଼ିକ ଜ଼ି ଅର୍ ୱାନ୍ ନାମକ କୂପ ଭିତରେ ପଡ଼ି ରହିଛି । ହଜ଼ରତ୍ ଆଏଶା ର.ଅ ବର୍ଣ୍ଣନା କରନ୍ତି ଯେ, ନବୀ କରୀମ୍ ସ.ଅ ଏହାପରେ ନିଜର ସାହାବାମାନଙ୍କ ସହିତ ସେହି

କୂପ ନିକଟକୁ ପ୍ରସ୍ଥାନ କଲେ ଏବଂ ସେଠାରୁ ଫେରି ଆସିଲେ ଏବଂ କହିଲେ ଯେ ହେ ଆଏଶା ର.ଅ ! ମୁଁ ଅଲ୍ଲାଃତାଲାଙ୍କର ଶପଥ କରି କହୁଛି ଯେ, ସେହି କୂପର ପାଣି ଏପରି ମନେ ହେଉଥିଲା ଯେପରି ତାହା ମଞ୍ଜୁଆତି ପତ୍ରର ଗାଢ ଲାଲ୍ ରଙ୍ଗ ସଦୃଶ । ହଜ଼ରତ୍ ମୁସଲେହ୍ ମଉଦ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଏପରି ମନେ ହେଉଛି ଯେ, ଯେପରି ଇହୁଦୀ ଧର୍ମରେ ଏହି ପ୍ରଥା ବା ପରମ୍ପରା ଚଳି ଆସୁଥିଲା ଯେ ଯେତେବେଳେ ଇହୁଦୀମାନେ କୌଣସି ବ୍ୟକ୍ତି ଉପରେ ଜାଦୁ ବିଦ୍ୟାର ପ୍ରୟୋଗ କରୁଥିଲେ ସେତେବେଳେ ସେମାନେ ଏହି ମଞ୍ଜୁଆତି କିମ୍ବା ଏତାଦୃଶ ବସ୍ତୁକୁ ବା ପଦାର୍ଥ ପାଣିରେ ପକାଇ ଦେଉଥିଲେ । ସେମାନେ ଏହା ପ୍ରଦର୍ଶିତ କରିବା ପାଇଁ ଚେଷ୍ଟା କରୁଥିଲେ ଯେ, ଏହି ଜାଦୁର ପ୍ରଭାବରୁ କୂପର ସମଗ୍ର ଜଳର ସ୍ୱଚ୍ଛତାରେ ପରିବର୍ତ୍ତନ ପରିଲକ୍ଷିତ ହୋଇଛି । ହଜ଼ରତ୍ ଆଏଶା ର.ଅ କହିଲେ ଯେ, ମୁଁ କହିଲି ଯେ ହେ ରସୁଲୁଲ୍ଲାଃ ସ.ଅ ଯେଉଁ ବସ୍ତୁ ଉପରେ ଜାଦୁର ପ୍ରୟୋଗ ହୋଇଛି ସେହି ବସ୍ତୁକୁ ଆପଣ ପୋଡ଼ି ନଷ୍ଟ କଲେନି କାହିଁକି? ହୁଜ଼ୁର୍ ସ.ଅ ଉତ୍ତର ଦେଲେ ଯେ, ଅଲ୍ଲାଃତାଲା ଯେତେବେଳେ ମୋତେ ନିରୋଗ ବା ଆରୋଗ୍ୟ ପ୍ରଦାନ କରି ଦେଇଛନ୍ତି ସେତେବେଳେ ମୁଁ ଏହା ପସନ୍ଦ କଲି ନାହିଁ ଯେ, ମୁଁ ଏପରି ତ୍ରୁଟିପୂର୍ଣ୍ଣ କଥା ନ କହି ଦିଏ ଯଦ୍ୱାରା ଉପଦ୍ରବ ସୃଷ୍ଟି ହେବାର ଆଶଙ୍କା ବଢିଯିବ । ସୁତରାଂ ମୁଁ ଆଦେଶ ଦେଲି ଯେ, ସେହି ବସ୍ତୁ ଗୁଡ଼ିକୁ ମାଟିରେ ପୋତି ଦିଆଯାଉ । ସୁତରାଂ ଆଦେଶାନୁକ୍ରମେ ଏହି ବସ୍ତୁଗୁଡ଼ିକୁ ମାଟିରେ ପୋତି ଦିଆଗଲା।

ହଜ଼ରତ୍ ମୁସଲେହ୍ ମଉଦ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଏହି ରିୱାୟତରୁ ଏକ ପକ୍ଷରେ କହିବାକୁ ଗଲେ ଇହୁଦୀମାନଙ୍କର ଆଁହଜ଼ରତ୍ ସ.ଅଙ୍କ ପ୍ରତି ଶତ୍ରୁତା ବୈରାଗ୍ୟପୂର୍ଣ୍ଣ ମନୋଭାବ ସଂପର୍କରେ ଜଣାପଡ଼େ ଏବଂ ଅନ୍ୟପଟରେ ଏହା ସ୍ୱଷ୍ଟ ହୋଇଯାଉଛି ଯେ, ଆଁହଜ଼ରତ୍ ସ.ଅ ଅଲ୍ଲାଃତାଲାଙ୍କର ଜଣେ ସତ୍ୟବାନ୍ ନବୀ ରୂପେ ପରିଚିତ ଅଟନ୍ତି । କାରଣ ଅଲ୍ଲାଃତାଲାଙ୍କ ତରଫରୁ ଆଁହୁଜ଼ୁର୍ ସ.ଅଙ୍କୁ ସେହି ସମସ୍ତ ଗୋପନ କଥା ସଂପର୍କରେ ଜ୍ଞାନ ପ୍ରଦାନ କରାଗଲା ଯେଉଁ କଥାଗୁଡ଼ିକ ଇହୁଦୀମାନେ ଆଁହଜ଼ରତ୍ ସ.ଅଙ୍କ ବିରୁଦ୍ଧରେ ଷଡ଼ଯନ୍ତ୍ର ରଚୁଥିଲେ । ସୁତରାଂ ହୁଜ଼ୁର୍ ସ.ଅଙ୍କୁ ଆଦୃଷ୍ଟ ବିଷୟ ଓ ଖବର ସଂପର୍କରେ ଜ୍ଞାନ ପ୍ରାପ୍ତ ହୋଇଯିବା ଏବଂ ଇହୁଦୀମାନଙ୍କର ନିଜର କୁମନ୍ତ୍ରଣାରେ ଅସଫଳ ରହିବା ହୁଜ଼ୁର୍ ସ.ଅଙ୍କର ଜଣେ ସତ୍ୟ ରସୁଲ ହେବାର ଏକ ସ୍ୱଷ୍ଟ ଏବଂ ଜ୍ୱଳନ୍ତ ପ୍ରମାଣ ବା ନିଦର୍ଶନ ଅଟେ । ସେ ଯାହାହେଉ ନା କାହିଁକି ହଜ଼ରତ୍ ମୁସଲେହ୍ ମଉଦ୍ ର.ଅ ଯେଉଁଭଳି ଭାବରେ ସେହି ସତ୍ୟତାର ଫଳାଫଳ ନିର୍ଣ୍ଣୟ କରିଛନ୍ତି ଯେ, ଆଁହଜ଼ରତ୍ ସ.ଅଙ୍କ ଉପରେ ଇହୁଦୀମାନେ ତନ୍ତ୍ର ବା ଜାଦୁବିଦ୍ୟାର ପ୍ରୟୋଗ କରିଥିଲେ ତାହାର କୌଣସି ପ୍ରଭାବ ଆଁହଜ଼ରତ୍ ସ.ଅଙ୍କ ଉପରେ ପଡ଼ି ନଥିଲା । ବରଂ ତାହା କେବଳ ଆଁହଜ଼ରତ୍ ସ.ଅଙ୍କର ବିସ୍ମରଣ ଜନିତ ସମସ୍ୟା ଥିଲା ଏବଂ ଅଲ୍ଲାଃତାଲା ଆଁହଜ଼ରତ୍ ସ.ଅଙ୍କୁ ଇହୁଦୀମାନଙ୍କର ଏହି ଷଡ଼ଯନ୍ତ୍ର ସଂପର୍କରେ ସୂଚିତ କରି ଇହୁଦୀମାନଙ୍କର ଏହି କୁଧାରଣାକୁ ଯେ, ସେମାନେ ଆଁହଜ଼ୁର୍ ସ.ଅଙ୍କ ଉପରେ ଜାଦୁର ପ୍ରୟୋଗ କରିଛନ୍ତି । ଇହୁଦୀମାନେ ଆଁହଜ଼ରତ୍ ସ.ଅଙ୍କ ଏହି ବିସ୍ମରଣ ଜନିତ ସମସ୍ୟାକୁ ଦେଖି ବହୁତ ଆନନ୍ଦିତ ହେଉଥିଲେ ଅଥବା ସେମାନେ ଏହା ଅପପ୍ରଚାର କରିବାକୁ ଲାଗିଲେ ଯେ, ଆମ ଜାଦୁର ପ୍ରଭାବ ଆଁହଜ଼ରତ୍ ସ.ଅଙ୍କ ଉପରେ ନିଜର ପ୍ରଭାବ ପକାଇ ତାହାର ବାସ୍ତବତା ଓ ସତ୍ୟତାକୁ ସାବ୍ୟସ୍ତ କରିଛି । ସୁତରାଂ ଅଲ୍ଲାଃତାଲା ତାହାକୁ (ଅର୍ଥାତ୍ ସେହି ଦୁଷ୍କୃତ୍ୟମୂଳକ ଷଡ଼ଯନ୍ତ୍ରକୁ) ନିଷ୍ଫଳ ବା ନିଷ୍କ୍ରିୟ କରିଦେଲେ ।

ହଜ଼ରତ୍ ମିର୍ଜ଼ା ବଶୀର୍ ଅହମଦ୍ ସାହାବ ର.ଅ ବର୍ଣ୍ଣନା କରନ୍ତି ଯେ, ସୁଲାହ୍ ହୁଦୈବିୟା ପରେ ଏକଦା ଆଁହଜ଼ରତ୍ ସ.ଅଙ୍କ ଉପରେ ନାଉଜ଼ୁ ବିଲ୍ଲାଃ ଜଣେ ଇହୁଦୀ ବଂଶୋଦ୍ଭବ ମୁନାଫିକ୍ (ଉଭୟପଟ ବ୍ୟକ୍ତି) ଯାହାର ନାମ ଲବିଦ୍ ବିନ୍ ଆସମ୍ ଥିଲା ଜାଦୁ କରିଦେଇଥିଲା ଏବଂ ସେ ଏହିପରି ଜାଦୁ କରିଥିଲା ଯେ, ଏକ ପାନିଆରେ କେଶର ଗଣ୍ଠିକୁ ବାନ୍ଧି ସେହି ପାନିଆ ଉପରେ କିଛି ମନ୍ତ୍ର ଉଚ୍ଚାରଣ କରିତାହାକୁ ଏକ କୂପରେ ପୋତି ଦେଇଥିଲା । ସୁତରାଂ ଏହା କୁହାଯାଏ ଯେ, ହୁଜ଼ୁର୍ ସ.ଅ ନାଉଜ଼ୁ ବିଲ୍ଲାଃ ଏହି ଜାଦୁ ଦ୍ୱାରା ଆକ୍ରାନ୍ତ ହୋଇଥିଲେ । ହୁଜ଼ୁର୍ ସ.ଅଙ୍କୁ ସେହି ଦିନମାନଙ୍କରେ ଅତ୍ୟଧିକ ସ୍ମରଣ ଜନିତସମସ୍ୟା ଲାଗି ରହିଥିଲା । ବେଳେବେଳେ ହୁଜ଼ୁର୍ ସ.ଅ ଏହା ଭାବୁଥିଲେ ଯେ, ମୁଁ ଅମକ କାମଟିକୁ କରିଦେଇଛି କିନ୍ତୁ ବାସ୍ତବରେ ଆଁହଜ଼ରତ୍ ସ.ଅ ତାହା କରି ନଥିଲେ କିମ୍ବା ବେଳେବେଳେ ଆଁହଜ଼ରତ୍ ସ.ଅ ଏହା ମନେ କରୁଥିଲେ ଯେ, ମୁଁ ମୋ ଅମକ ପତ୍ନୀର ଘରକୁ ଯାଇ ଆସିଛି । କିନ୍ତୁ ବାସ୍ତବରେ ହୁଜ଼ୁର୍ ସ.ଅ ନିଜ ପତ୍ନୀଙ୍କ ଘରକୁ ଯାଇ ନଥିଲେ । ପରିଶେଷରେ ଅଲ୍ଲାଃତାଲା ଏକ ରୋୟା (ଅର୍ଦ୍ଧ ଚେତନାରେ ଦୃଶ୍ୟମାନ ସ୍ୱପ୍ନ) ଜରିଆରେ ଆଁହଜ଼ରତ୍ ସ.ଅଙ୍କୁ ଏହି ଉପଦ୍ରବର ରହସ୍ୟ ସଂପର୍କରେ ସତ୍ୟତା ଉଦ୍ଘାଟନ କଲେ । ଏହି ରିୱାୟତର ବୃତ୍ତୀୟ ପରିଧିରେ କାହାଣୀର ଏପରି ଏକ ଜାଲ ବୁଣି ଦିଆଗଲେ ଯେ, ପ୍ରକୃତ ସତ୍ୟତାର ସନ୍ଧାନ କରିବା ଦୁଃସାଧ ବ୍ୟାପାର ହୋଇଗଲା ଏବଂ ଯଦି ଉପରୋକ୍ତ ରିୱାୟତଗୁଡ଼ିକୁ ଗ୍ରହଣ କରାଯାଏ ତେବେ ନାଉଜ଼ୁବିଲ୍ଲାଃ ଆଁହଜ଼ରତ୍ ସ.ଅଙ୍କ ପରି ପବିତ୍ର ଅସ୍ତିତ୍ୱରୁ ଏପରି ପ୍ରତିତ ହେବେ ଯେ, ଯେପରି ଆପଣ ଜଣେ ସାଧାରଣ ବ୍ୟକ୍ତି ଅଟନ୍ତି ଏବଂ ଆପଣ ସ.ଅ ଜଣେ ଦୁର୍ବଳ ଶ୍ରେଣୀୟ ସ୍ୱାସ୍ଥ୍ୟର ଅଧିକାରୀ ଥିଲେ ଓ ଯାହାଙ୍କୁ ଅନ୍ୟୁନ ସାଂସାରିକ ଘଟଣାରେ ସଂପୃକ୍ତ ଗୁପ୍ତ ଅନିଷ୍ଟକାରୀ ଶତ୍ରୁମାନେ ଜାଦୁ ବିଦ୍ୟା ବଳରେ ଯେଉଁଭଳି ଛାଞ୍ଚରେ ଗଢିବାକୁ ଉଦ୍ୟମ କରୁଥିଲେ ସେହି ରୂପରେ ହିଁଗଢି ତୋଳିବାରେ ସକ୍ଷମ ହୋଇପାରୁ ଥିଲେ ଏବଂ ଏହା ଯେ, ସେମାନେ ହୁଜ଼ୁର୍ ସ.ଅଙ୍କୁ ନିଜର କୁମନ୍ତ୍ରଣା ମୂଳକ ଉଦ୍ଦେଶ୍ୟର ଶରବ୍ୟ କରି ହୁଜ଼ୁର୍ ସ.ଅଙ୍କ ହୃଦୟ ଏବଂ ମସ୍ତିଷ୍କରେ ଜାଦୁର ପ୍ରଭାବ

କାୟା ବିସ୍ତାର କରିବାକୁ ଆରମ୍ଭ କରିଦେଇଥିଲା ଏବଂ ନାଉଜୁ ବିଲ୍ଲାଃ ହୁଜୁର୍ ସ.ଅ ସେହି ତନ୍ତ୍ର ବା ଗାରେଢ଼ୀ ବିରୁଦ୍ଧରେ୍ ନିଜକୁ ଅସହାୟ ରୂପେ ମନେ କରୁଥିଲେ । ସୁତରାଂ ଯଦି ସେହି ରିୱାୟତ ସଂପର୍କରେ ଉଚିତ୍ ତଥା ତର୍କସଙ୍ଗତ ଓ ଉଦ୍ଧୃତ ରୂପେ ଅନୁଧ୍ୟାନ କରାଯାଏ ଏବଂ ରିୱାୟତର ଅନ୍ୱେଷଣମୂଳକ ସନ୍ଧାନ କରାଯାଏ ତେବେ ଏହା ସ୍ପଷ୍ଟରୂପେ ପ୍ରମାଣିତ ହୁଏ ଯେ, ଏହା କେବଳ ଏକ ସ୍ମରଣ ଜନିତ ସମସ୍ୟା ବା ରୋଗ ଥିଲା । ଯାହାକି କେତେକ ସାମୟିକ ଚିନ୍ତନ ଓ ମନନ ଏବଂ ଶାରୀରିକ ଦୁର୍ବଳତାର ଉଦଗମ ବା ସମ୍ମୁଖୀନ ଯୋଗୁଁ ହିଁ କିଛି ସମୟ ପାଇଁ ହୁଜୁର୍ ସ.ଅଙ୍କ ଠାରେ ବା କ୍ଷେତ୍ରରେ ଏହିପରି ସ୍ମରଣ ବା ବିସ୍ମରଣ ଜନିତ ସମସ୍ୟା ଦେଖା ଦେଇଥିଲା । ଯାହାର ଅଶୁଭଚିନ୍ତକ ବା ଅନର୍ଥକାରୀମାନେ ସୁଯୋଗ ପାଇ ଏହା ଅପପ୍ରଚାର କରିଦେଲେ ଯେ, ଆମେମାନେ (ଅର୍ଥାତ୍ ଇହୁଦୀମାନେ) ନାଉଜୁବିଲ୍ଲାଃ ମୁସଲମାନମାନଙ୍କର ନବୀ ଉପରେ ଜାଦୁ ପ୍ରୟୋଗ କରିଦେଇଛୁ । କିନ୍ତୁ ଅଲ୍ଲାଃତାଲା ଆଁହଜ୍ରତ୍ ସ.ଅଙ୍କୁ ଖୁବଶୀଘ୍ର ସ୍ୱାସ୍ଥ୍ୟ ପ୍ରଦାନ କରି ଶତ୍ରୁମାନଙ୍କୁ ଅସଫଳ ଓ ସେମାନଙ୍କର ଏହି କୁମନ୍ତ୍ରଣାମୂଳକ ଉଦ୍ଦେଶ୍ୟକୁ ବା ଯୋଜନାକୁ ପଣ୍ଡ କଲେ ।

ସମଗ୍ର ପୃଥିବୀରେ ଶୈତାନୀ ଶକ୍ତି ଉପରେ ବିଜୟ ପ୍ରାପ୍ତ କରିଥିବା ମହାନ୍ ବିଜେତା ଏବଂ ରସୁଲମାନଙ୍କର ଶ୍ରେଷ୍ଠ ଯାହାଙ୍କଠୁ ବଳି ଅନ୍ୟ କେହିବି ଶୈତାନୀ ଶକ୍ତିକୁ ଧ୍ୱଂସକାରୀ ବ୍ୟକ୍ତି ଆଜିପର୍ଯ୍ୟନ୍ତ ଭୂପୃଷ୍ଠରେ ଜନ୍ମ ଗ୍ରହଣ କରିନାହିଁ କିମ୍ବା ଭବିଷ୍ୟତରେ ମଧ୍ୟ ଜନ୍ମ ଗ୍ରହଣ କରିବ ନାହିଁ । ସୁତରାଂ ଆଁହଜ୍ରତ୍ ସ.ଅଙ୍କ ସଂପର୍କରେ ଏହା ମନେକରିବା ଯେ, ନାଉଜୁବିଲ୍ଲାଃ ସେ ଏକ ତିରସ୍କୃତ ଇହୁଦୀ ପୁତ୍ରର ଶୈତାନୀ ଜାଦୁର ଶରବ୍ୟ ବା ଶିକାର ହୋଇଯାଇଥିଲେ । ଯାହାକି ମନୁଷ୍ୟ ବୁଦ୍ଧିର ନିକୃଷ୍ଟତମ ପ୍ରୟୋଗ ଏବଂ ଯାହା ସଂପର୍କରେ ଭାବିବା ମଧ୍ୟ ଏକ ଦୁରୂହ ବ୍ୟାପାର ଓ ପାପ ଅଟେ । ଏହା ଆମମାନଙ୍କର କେବଳ ଦାବି ନୁହେଁ ବରଂ ଆମମାନଙ୍କର ପ୍ରାଣପ୍ରିୟ ଆଁହଜ୍ରତ୍ ସ.ଅ ସ୍ୱୟଂ ଏହାକୁ ଖଣ୍ଡନ କରିଛନ୍ତି । ଯାହାର ବ୍ୟାଖ୍ୟା ଏକ ହଦୀସରୁ ହିଁ ଜଣାପଡ଼େ ଯେ, ହଜ୍ରତ୍ ଆଏଶା ର.ଅ କହିଲେ ଯେ ମୁଁ ଆଁହଜ୍ରତ୍ ସ.ଅଙ୍କୁ ପ୍ରଶ୍ନ କଲି ଯେ, ହେ ରସୁଲୁଲ୍ଲାଃ ସ.ଅ କ'ଣ ମୋ ସାଥୀରେ ଶୈତାନ୍ ଅଛି ? ହୁଜୁର୍ ସ.ଅ ଉତ୍ତର ଦେଲେ ଯେ, ହଁ ! ଅଛି । ହଜ୍ରତ୍ ଆଏଶା ର.ଅ ପୁନଃ ପ୍ରଶ୍ନ କଲେ ଯେ, କ'ଣ ପ୍ରତ୍ୟେକ ବ୍ୟକ୍ତିଙ୍କ ସହିତ ଶୈତାନ୍ ରହିଛି? ହୁଜୁର୍ ସ.ଅ କହିଲେ ହଁ । ହଜ୍ରତ୍ ଆଏଶା ର.ଅ ଆଶ୍ଚର୍ଯ୍ୟଚକିତ ହୋଇ ପୁନଃ ପ୍ରଶ୍ନ କେଲେ ଯେ, ହେ ରସୁଲୁଲ୍ଲାଃ ସ.ଅ ! କ'ଣ ଆପଣ ସ.ଅଙ୍କ ସହିତ ବି ଶୈତାନ୍ ଅଛି? ହୁଜୁର୍ ସ.ଅ ପୁନଃ ଉତ୍ତର ଦେଲେ ଯେ, ହଁ ! କିନ୍ତୁ ଅଲ୍ଲାଃତାଲା ମୋତେ ଶୈତାନ୍ ଉପରେ ବିଜୟ ପ୍ରଦାନ କରିଛନ୍ତି ଏପର୍ଯ୍ୟନ୍ତ କି ମୋର ଶୈତାନ୍ ମୁସଲମାନ (ଧର୍ମରେ ଦିକ୍ଷୀତ) ହୋଇଯାଇଛି । ଆଁହଜ୍ରତ୍ ସ.ଅଙ୍କ ଏହି ସ୍ୱଷ୍ଟ ଜ୍ୱଳନ୍ତ ନିର୍ଦ୍ଦେଶ, ଉକ୍ତି ଥାଉ ଥାଉ ଏହା ଚିନ୍ତା କରାଯାଇ ପାରିବି କି ଯେ, ଜଣେ ଇହୁଦୀ ମୁନାଫିକ୍ ବ୍ୟକ୍ତି ଯେ କି କୁରଆନ୍ ଅନୁଯାୟୀ ମଗଜୁବ୍ ଅଲୈହିମ୍ ଧର୍ମାବଲମ୍ବୀ ଅଟେ ସେ ନାଉଜୁ ବିଲ୍ଲାଃ ନିଜର ଶୈତାନ ସାହାଯ୍ୟରେ ଆଁହଜ୍ରତ୍ ସ.ଅଙ୍କ ପରି ସର୍ବୋଚ୍ଚ ପଦମର୍ଯ୍ୟାଦାର ଅଧିକାରୀ ଜଣେ ସର୍ବଶ୍ରେଷ୍ଠ ନବୀକୁ ଜାଦୁ କରିଥିବ ଏବଂ ଏହି ଜାଦୁ ଦ୍ୱାରା ପ୍ରଭାବିତ ହୋଇ ଆଁହଜ୍ରତ୍ ସ.ଅ ଦୀର୍ଘକାଳ ଧରି ଚିନ୍ତିତ ଓ ଦୁଃଖିତ ଏବଂ ଅସୁସ୍ଥତାରେ କାଳାତିପାତ କରିଥିଲେ ? ହଜ୍ରତ୍ ମିର୍ଜା ବଶୀର୍ ଅହମଦ୍ ସାହେବ୍ ଉଲ୍ଲେଖ କରନ୍ତି ଯେ, ପୁନଶ୍ଚ ଏହି ପ୍ରଶ୍ନଟି ଉତ୍ଥାପିତ ହୁଏ ଯେ ଏହି ଘଟଣାର ପ୍ରକୃତ ସତ୍ୟାସତ୍ୟ କ'ଣ ଯାହାକି ସହି ବୁଖାରୀରେ ମଧ୍ୟ ହଜ୍ରତ୍ ଆଏଶା ର.ଅଙ୍କ ତୁଣ୍ଡରୁ ମୌଖିକ ରୂପେ ବର୍ଣ୍ଣିତ ହୋଇଅଛି ? ସୁତରାଂ ଯଦି ଘଟଣାର ପୂର୍ବବର୍ତ୍ତୀ ଏବଂ ପରବର୍ତ୍ତୀ ବିଷୟକୁ ଓ ଇହୁଦୀ ମୁନାଫିକ୍‌ମାନଙ୍କର ଚାଲିଚଳନକୁ ଦୃଷ୍ଟିରେ ରଖି ଯଦି ଅନୁଧ୍ୟାନ କରଯାଏ ତେବେ ଏହି ଘଟଣାର ବାସ୍ତବତାକୁ ହୃଦୟଙ୍ଗମ କରିବାରେ ଅଧିକ କଷ୍ଟ ଓ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ । ଅତଃ ସର୍ବପ୍ରଥମେ ଜାଣିରଖିବା ଉଚିତ୍ ଯେ, ଏହି ବିଚାରିତ ଜାଦୁର ଘଟଣାଟି ସୁଲାହ୍ ହୁଦୈବିୟା ପରର ଅଟେ । କୁରେଶମାନଙ୍କର ଆଁହଜ୍ରତ୍ ସ.ଅଙ୍କୁ (ହଜକୁ ଯିବା ବେଳେ) ଅଟକାଇବା ଫଳରେ ଆଁହଜ୍ରତ୍ ସ.ଅ ସେଠାରୁ ଅସଫଳ ହୋଇ ଫେରିବାକୁ ପଡ଼ିଥିଲା । ଏହି ବାହ୍ୟିକ ଅସଫଳତା ଆଁହଜ୍ରତ୍ ସ.ଅଙ୍କୁ ଏଭଳି ଏକ ସକ୍ତ ଆଘାତ ଦେଇଥିଲା ଯେ, କୁଫ୍ଫାରମାନେ ଏବଂ ମୁନାଫିକ୍‌ମାନେ ଆଁହଜ୍ରତ୍ ସ.ଅଙ୍କୁ ଅସହାୟ ମନେକରି ପରିହାସ ଓ ବ୍ୟଙ୍ଗ ବିଦ୍ରୁପର ଶିକାର କରିଥିଲେ । ତେଣୁ ଆଁହଜ୍ରତ୍ ସ.ଅଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ଏହି ଘଟଣାର ଗଭୀର ପ୍ରଭାବ ପଡ଼ିଥିଲା ଏବଂ ହୁଜୁର୍ ସ.ଅ ଦୀର୍ଘକାଳ ଧରି ଚିନ୍ତିତ ରହୁଥିଲେ । ସୁତରାଂ ଉପରୋକ୍ତ କାରଣ ଯୋଗୁଁ ଆଁହଜ୍ରତ୍ ସ.ଅଙ୍କ ଶରୀର ମାଂସପେଶୀ ଏବଂ ସ୍ମରଣଶକ୍ତି ଉପରେ ଅନେକ ପ୍ରଭାବ ପଡ଼ିଥିଲା ଏବଂ କିଛିକାଳ ପାଇଁ ହୁଜୁର୍ ସଅ ସ୍ମରଣ ଜନିତ ରୋଗ ସମସ୍ୟାରେ ପୀଡ଼ିତ ବା ଆକ୍ରାନ୍ତ ହୋଇ ଯାଇଥିଲେ । ତେଣୁ ଯେତେବେଳେ ଇହୁଦୀମାନେ ଏବଂ ମୁନାଫିକ୍‌ମାନେ ଏହା ଦେଖିଲେ ଯେ, ଆଁହଜ୍ରତ୍ ସ.ଅ ଆଜିକାଲି ଅସୁସ୍ଥତା ଏବଂ ମାଂସପେଶୀ ଜନିତ ରୋଗ ଓ ସ୍ମରଣ ଜନିତ ରୋଗରେ ଆକ୍ରାନ୍ତ ଅଛନ୍ତି । ସେତେବେଳେ ସେମାନେ ସେମାନଙ୍କର ଅଭ୍ୟାସଗତ ଅନୁଯାୟୀ ଉପଦ୍ରବ ଉଦ୍ଦେଶ୍ୟରେ ଏହା ଅପପ୍ରଚାର କରବାକୁ ଲାଗିଲେ ଯେ, ଆମେମାନେ ନାଉଜୁବିଲ୍ଲାଃ ମୁସଲମାନମାନଙ୍କର ନବୀ ଉପରେ ଜାଦୁ କରିଦେଇଛୁ ଏବଂ ତାଙ୍କର ସ୍ମରଣଶକ୍ତିର ସମସ୍ୟା ଏହି ଜାଦୁର ହିଁ ପ୍ରଭାବ ଅଟେ ଏବଂ ସେମାନେ ନିଜର ପ୍ରଚୀନ ପରଂପରା ଅନୁଯାୟୀ ବାହ୍ୟିକ ଲକ୍ଷଣ ରୂପେ ଏକ କୂପରେ ପାନିଆରେ କେଶ ଗଣ୍ଠି କରି କୂଅ ଭିତରେ ପୋତି ଦେଇଥିଲେ ।

ସୁତରାଂ ଯେତେବେଳେ ଆଁହଜ଼ରତ୍ ସ.ଅଙ୍କୁ ପୂର୍ବ ପ୍ରାୟୋଜିତ ବା ପରିକଳ୍ପିତ ଜାଦୁ ସଂପର୍କରେ ସୂଚନା ପ୍ରାପ୍ତ ହେଲା ସେତେବେଳେ ହୁଜୁର୍ ସ.ଅ ଏହି ଉପଦ୍ରବର ନିବାରଣ ପାଇଁ ଅଲ୍ଲାଃତାଲାଙ୍କ ନିକଟରେ ଆକୁଳ ପ୍ରାର୍ଥନା କଲେ । ଅତଃ ଅଲ୍ଲାଃତାଲା ହୁଜୁର୍ ସ.ଅଙ୍କ ଏହି ବ୍ୟାକୁଳ ନିବେଦନ ବା ପ୍ରାର୍ଥନାକୁ ସ୍ୱୀକାର କରି ତନ୍ଦ୍ରା ବା ସୁସୁପ୍ତ ଅବସ୍ଥାରେ ସ୍ୱପ୍ନାଦେଶ କରି ପ୍ରକୃତ ଘଟଣାର ସତ୍ୟାସତ୍ୟ ଉଦଘାଟନ ବା ଉନ୍ମୋଚନ କରିଦେଲେ । ସୁତରାଂ କୁରାନେ କରୀମରେ ଅଲ୍ଲାଃତାଲା କହନ୍ତି ଯେ, **ୱଲା ୟୁଫ୍ ଲିହୁସ୍ ସାହିରୁ ହେଁସୁ ଅତା** (ସୁରା ତା-ହା: ୭୦) ଅର୍ଥାତ୍ "ଜାଦୁକର ଯେକୌଣସି ତରଫରୁ ଆସିଲେ ମଧ୍ୟ ଅଲ୍ଲାଃତାଲାଙ୍କ ବିପକ୍ଷରେ କୃତକାର୍ଯ୍ୟ ହୋଇପାରିବ ନାହିଁ ।" **ସେହିପରି ଅଲ୍ଲାଃତାଲା କହନ୍ତି ଯେ, ୟକୁଲୁଜ୍ ଜ଼ାଲିମୁନା ଇନ୍ ତତ୍ତବିଉନା ଇଲ୍ଲା ରଜୁଲମ୍ ମସହୁରା** "ଅର୍ଥାତ ଅନ୍ୟାୟୀ ଲୋକମାନେ କହନ୍ତି ଯେ, ତୁମ୍ଭେ କେବଳ ଏପରି ବ୍ୟକ୍ତିଙ୍କୁ ଅନୁକରଣ କରୁଛ ଯିଏକି ସ୍ୱୟଂ ଜାଦୁ ଦ୍ୱାରା ଆକ୍ରାନ୍ତ" ହୁଜୁର୍ ଅନୱର୍ ଅ.ବ କହିଲେ ଯେ, ହଦିସର ଶବ୍ଦ ଏବଂ ବର୍ଣ୍ଣନା ଶୈଳୀ ଓ ଆରବୀ ଆପ୍ତ ବାକ୍ୟକୁ ଯଦି ଅନୁଧ୍ୟାନ କରାଯାଏ ତେବେ ବୁଖାରୀର ଏହି ରିୱାୟତ୍ ନିଶ୍ଚିତ ରୂପେ ହିକାୟତ୍ ଅନିଲ୍ ଗୈର ରୂପେ ବୁଝିବାକୁ ପଡ଼ିବ । ହିକାୟତ୍ ଅନିଲ୍ ଗୈରର ଅର୍ଥ ହେଲା ଯେ ବାହ୍ୟିକ ରୂପରେ କଥନକାରୀ ନିଜ ତରଫରୁ କଥନ କରିଥାଏ । କିନ୍ତୁ ବାସ୍ତବରେ ତାହା ଅନ୍ୟ ବ୍ୟକ୍ତି ସଂପର୍କରେ କଥା ବର୍ଣ୍ଣନା କରାଯାଇଥାଏ । ଏହି ରିୱାୟତର ଅନୁବାଦ ହେଲା ଯେ, ହଜ଼ରତ୍ ଆଏଶା ର.ଅ ବର୍ଣ୍ଣନା କରନ୍ତି ଯେ, ଏକଦା ଶତ୍ରୁମାନେ ଏହା ପ୍ରଚାର କଲେ ଯେ, ଆଁହଜ଼ରତ୍ ସ.ଅଙ୍କୁ ଜାଦୁ ହୋଇଛି । ଏପର୍ଯ୍ୟନ୍ତ କି ସେହି ଦିନମାନଙ୍କରେ ହୁଜୁର୍ ଅକରମ୍ ଏହା ମନେ କରୁଥିଲେ ଯେ, ମୁଁ ଅମକ କାମଟି କରି ଦେଇଛି । କିନ୍ତୁ ପ୍ରକୃତରେ ହୁଜୁର୍ ସ.ଅ ତାହା (ଅର୍ଥାତ୍ ସେହି କାମ) କରି ନଥିଲେ । ସୁତରାଂ ଆଁହଜ଼ରତ୍ ସ.ଅ ଅଲ୍ଲାଃତାଲାଙ୍କ ନିକଟରେ ଆକୁଳ ପ୍ରାର୍ଥନା କଲେ । ଅଲ୍ଲାଃତାଲା ହୁଜୁର୍ ସ.ଅଙ୍କୁ ତନ୍ଦ୍ରାବସ୍ଥାରେ ବା ସୁସୁପ୍ତାବସ୍ଥାରେ ସ୍ୱପ୍ନାଦେଶ କଲେ ଯେ, ଦୁଇ ଜଣ ବ୍ୟକ୍ତି ତାଙ୍କ କଷ୍ଟ ସଂପର୍କରେ କଥାବାର୍ତ୍ତା ହେଉଛନ୍ତି । ଏହି ସ୍ୱାପ୍ନାଦେଶରୁ ହୁଜୁର୍ ସଅ ଏହା ଜାଣିପାରିଲେ ଯେ,ଜଣେ ଇହୁଦୀ ବ୍ୟକ୍ତି ନିଜ ମତ ବା ବିଚାର ଅନୁଯାୟୀ ଆପଣ ସ.ଙ୍କ ଉପରେ ଜାଦୁ କରିବା ପାଇଁ ଏକ ବସ୍ତୁକୁ ଏକ କୂପରେ ପକେଇ ଦେଇଛି । ହୁଜୁର୍ ସ.ଅ ନିଜ ସାହାବାମାନଙ୍କ ସହିତ ସେହି କୂପକୁ ଗଲେଏବଂ ସେହି କୂପକୁ ମାଟି ପକାଇ ପୋତି ଦେଲେ । ହଜ଼ରତ୍ ଆଏଶା ର.ଅ ବର୍ଣ୍ଣନା କରନ୍ତି ଯେ, ମୁଁ ରସୁଲ୍ କରୀମ୍ ସ.ଅଙ୍କୁ ପଚାରିଲି ଯେ, ଆପଣ ସେହି ପାନିଆ ଆଦିକୁ କୂପରୁ କାଢି ଆଣି ବାହାରେ ଫିଙ୍ଗି ଦେଲେ ନାହିଁ କାହିଁକି ? ହୁଜୁର୍ ସ.ଅ ଉତ୍ତର ଦେଲେ ଯେ, ଯେତେବେଳେ ଅଲ୍ଲାଃତାଲା ମୋତେ ଏହି ଉପଦ୍ରବରୁ ନିବୃତ୍ତ ବା ସୁରକ୍ଷିତ ରଖିଲେ ଏବଂ ମୋତେ ନିରୋଗ ବା ଆରୋଗ୍ୟ ପ୍ରଦାନ କଲେ । ସେତେବେଳେ ମୁଁ ଏହା ଉଚିତ୍ ମନେକଲି ଯେ, ମୁଁ ଏହି ବସ୍ତୁକୁ ବାହାରେ ଫିଙ୍ଗି ବା ଫୋପାଡ଼ି ଲୋକମାନଙ୍କ ଆଗରେ ଖରାପ କଥାର କାହିଁକି ଚର୍ଚ୍ଚା କରିଥାଆନ୍ତି । ଯଦ୍ୱାରା ଦୁର୍ବଳ ସ୍ୱଭାବୀୟ ଲୋକମାନଙ୍କର ମନରେ ଅଯଥା ଜାଦୁ ପ୍ରତି ଧ୍ୟାନ ଆକର୍ଷିତ ହେବାର ଆଶଙ୍କା ଉତ୍ପନ୍ନ ହୋଇଥାଆନ୍ତା ।

ହୁଜୁର୍ ଅନୱର୍ ଅ.ବ କହିଲେ ଯେ ସେ ଯାହା ହେଉ ନା କାହିଁକି ଏହି ସ୍ୱପ୍ନର ବାସ୍ତବିକ ଉଦ୍ଦେଶ୍ୟ ଏହା ଛଡ଼ା ଆଉ କିଛି ନୁହେଁ ଯେ ଯେଉଁ ବସ୍ତୁ ସେହି ଦୁଷ୍ଟାତ୍ମା ଲୋକମାନେ ତାହାକୁ ଏକ କୂପରେ ଲୁଚାଇ ରଖିଥିଲେ ଏବଂ ସେହି ବସ୍ତୁ ସାହାଯ୍ୟରେ ସେମାନେ ନିଜପରି ଆଚାର ବିଚାର ରଖୁଥିବା ଅନୁକରଣକାରୀଙ୍କୁ ଓ ଲୋକମାନଙ୍କୁ ଧୋକା ବା ପ୍ରବଞ୍ଚନା ଏବଂ ପ୍ରତାରଣା କରୁଥିଲେ । ସେହି ପ୍ରତାରଣା ସଂପର୍କରେ ଅଲ୍ଲାଃତାଲା ନିଜ ରସୁଲ୍ ସ.ଅଙ୍କ ନିକଟରେ ପ୍ରକାଶ୍ୟ କଲେ । କାରଣ ସେହି ପ୍ରତାରଣାକାରୀ ଓ ପ୍ରବଞ୍ଚନାକାରୀ ଇହୁଦୀମାନଙ୍କର ବିଚାରିତ କୁମନ୍ତ୍ରଣାମୂଳକ ଜାଦୁକୁ ଧ୍ୱଂସ କରି ଦିଆଯାଉ । ଅତଃ ତାହା ହିଁ ହେଲା ଯେ, ତାଙ୍କର ଜାଦୁରେ ବ୍ୟବହୃତ ବସ୍ତୁ (ଅର୍ଥାତ୍ ପାନିଆ ଓ କେଶ)କୁ ପୋତି ଦିଆଗଲା ଏବଂ କୂପକୁ ସଂପୂର୍ଣ୍ଣ ରୂପେ ଘୋଡ଼ାଇ ଦିଆଗଲା । ଆଁହଜ଼ରତ୍ ସ.ଅଙ୍କ ଦ୍ୱାରା ଏହି ପଦକ୍ଷେପ ଗ୍ରହଣ କରିବା ଫଳରେ ହୁଜୁର୍ ସଅଙ୍କ ମନ ସର୍ବଦା ଚିନ୍ତିତ ରହୁଥିଲା ଯେ, ଇହୁଦୀମାନେ ଏହିପରି ଦୁଷ୍ଟତା କରି ସରଳ ସ୍ୱଭାବ ଲୋକମାନଙ୍କୁ ପ୍ରତାରଣା ବା ପ୍ରବଞ୍ଚନା କରିବାକୁ ଉଦ୍ୟମ କରିବେ ତାହା ସମୟକ୍ରମେ ସମାପ୍ତ ହୋଇଗଲା ଏବଂ ଅଲ୍ଲାଃତାଲାଙ୍କ ପ୍ରତିଶ୍ରୁତିମୂଳକ ନିଦର୍ଶନ ସୌମ୍ୟ ତଥା ଜାଜ୍ୱଲ୍ୟମାନ ରୂପେ ପୂର୍ଣ୍ଣ ହେଲା ଯେ, **ୱଲା ୟୁଫ୍ ଲିହୁସ୍ ସାହିରୁ ହେଁସୁ ଅତା** ଅର୍ଥାତ୍ "ଜାଦୁକର ଯେକୌଣସି ତରଫରୁ ଆସିଲେ ମଧ୍ୟ ଅଲ୍ଲାଃତାଲାଙ୍କ ବିପକ୍ଷରେ କୃତକାର୍ଯ୍ୟ ହୋଇପାରିବ ନାହିଁ ।"

ପରିଶେଷରେ ଏହି ପ୍ରଶ୍ନଟି ରହିଯାଉଛି ଯେ ଆଁହଜ଼ରତ୍ ସ.ଅ ଯିଏକି ଅଲ୍ଲାଃତାଲାଙ୍କର କେବଳ ଜଣେ ସର୍ବୋଚ୍ଚ, ମହାନ୍ ନବୀ ନ ଥିଲେ ବରଂ ହୁଜୁର୍ ସ.ଅ ସର୍ବଶ୍ରେଷ୍ଠ ରସୁଲ୍ ପଦମର୍ଯ୍ୟାଦା ସଂପନ୍ନ ନବୀ ଏବଂ ଖାତମୁନ୍ ନବୀୟିନ୍ ଥିଲେ । ତାଙ୍କୁ ସ୍ମରଣ ଜନିତ ସମସ୍ୟା ରୋଗାକ୍ରାନ୍ତ କରିଥିଲା ଯାହାକି ବାହ୍ୟିକ ରୂପେ ନବୁୱତର ଦାୟୀତ୍ୱବୋଧକୁ ତୁଲାଇବାରେ ବାଧା ବିଘ୍ନତା ସୃଷ୍ଟି କରି ପାରିଥାଆନ୍ତା । ତେବେ ଏହି ପ୍ରଶ୍ନର ଉତ୍ତରରେ ସର୍ବଦା ମନେରଖିବା ଉଚିତ୍ ଯେ, ପ୍ରତ୍ୟେକ ନବୀର ଦ୍ୱିବିଧ ଯୋଗ୍ୟତା ରହିଥାଏଯଥା,- ପ୍ରଥମ ଦୃଷ୍ଟିକୋଣ ଅନୁଯାୟୀ ଯେ, ସେ ଅଲ୍ଲାଃତାଲାଙ୍କର ଜଣେ ବିଶିଷ୍ଟ ନବୀ ଓ ରସୁଲ୍ ଅଟନ୍ତି । ଯାହାକୁ ଆୟୁଦ୍ଧ କରି ସେ ଅଲ୍ଲାଃତାଲାଙ୍କ ସହିତ ୱାଁଶୀବାକ୍ ବା ବାର୍ତ୍ତାଳାପ

କରିଥାଆନ୍ତି ଏବଂ ଧାର୍ମିକ କାର୍ଯ୍ୟରେ ଯୋଗ ଦେଇ ନିଜ ଅନୁଗାମୀମାନଙ୍କର ଶିକ୍ଷକ ରୂପେ ବିବେଚିତ ହୁଅନ୍ତି ଏବଂ ସେମାନଙ୍କ ଆଗରେ ଆଦର୍ଶ ପାଳଟି ଯାଆନ୍ତି । ଦ୍ୱତୀୟ ଦୃଷ୍ଟିକୋଣ ଅନୁଯାୟୀ ସେ ସାଧାରଣ ମନୁଷ୍ୟମାନଙ୍କ ପରି ଜଣେ ମନୁଷ୍ୟ ଅଟନ୍ତି ଏବଂ ସମସ୍ତ ମାନବିକ ଆବଶ୍ୟକତା ଏବଂ ସ୍ୱାଭାବିକ ପ୍ରାକୃତିକ ବିପର୍ଯ୍ୟୟର ନବୀ ଅଧୀନ ହୋଇଥାଏ । ଯେଉଁ ଆବଶ୍ୟକତା ଓ ପ୍ରାକୃତିକ ବିପର୍ଯ୍ୟୟ ଅନ୍ୟ ମନୁଷ୍ୟମାନଙ୍କ ସହିତ ମଧ୍ୟ ଲାଗି ରହିଛି ।

ହୁଜୁର୍ ଅନଓ୍ୱର୍ ଅ.ବ କହିଲେ ଯେ, ଏଠାରେ ଯଦି କୌଣସି ବ୍ୟକ୍ତିକୁ ଏହା ମନେ ହୁଏ ଯେ, କୁରଆନ୍ ତ' ଆଁହଜ଼ରତ୍ ସ.ଅଙ୍କ ସଂପର୍କରେ ଏହା ଆଲୋକପାତ କରେ ଯେ, **ସନୁକ୍ ରିଉକ୍ୱା ଫଲା ତନସା** (ସୁରତୁଲ୍ ଆ'ଲା :୮)"ଅର୍ଥାତ୍ ଆମ୍ଭେ ତୁମ୍ଭକୁ ଏପରି ଭାବରେ ଶିକ୍ଷାଦାନ କରିବୁ ଯାହାଫଳରେ ତୁମ୍ଭେ ଭୁଲିଯିବ ନାହିଁ ।" ଏଠାରେ ମନେରଖିବା ଉଚିତ୍ ଯେ, ଏହି ପ୍ରତିଶ୍ରୁତି କେବଳ କୁରଆନୀୟ ଐଶୀବାଣୀ ପାଇଁ ହିଁ ଉଦ୍ଦିଷ୍ଟ । ଦୈନନ୍ଦିନ କଥାବାର୍ତ୍ତା ଓ ସାଂସାରିକ କର୍ମ କିମ୍ବା ଧାର୍ମିକ କର୍ମର ଚଳଣୀ ବା ପ୍ରଥା ପରଂପରା ସଂପର୍କୀୟ ପାଇଁ ଉଦ୍ଦିଷ୍ଟ ନୁହେଁ । ଅତଃ ଯେଉଁଭଳି ଭାବରେ ହୁଜୁର୍ ସ.ଅଙ୍କୁ ସାଧାରାଣ ରୂପେ ଏବଂ ସାମୟିକ ରୂପେ ବିସ୍ମରଣ ହୋଇ ଯାଉଥିଲେ । ସେହିପରି ସୁଲାହ୍ ହୁଦୈବିୟା ପରଠାରୁ କିଛିକାଳ ପାଇଁ ସ୍ମରଣ ଜନିତ ରୋଗ ସମସ୍ୟା ଦେଖା ଦେଇଥିଲା । ଅତୀତର ବିଦ୍ୱାନମାନେ ମଧ୍ୟ ଏହାକୁ ସାମୟିକ ରୋଗ ରୂପେ ଆଖ୍ୟା ଦେଇଛନ୍ତି । ଯେପରିକି ହଦିସର ଏହି ଶେଷ ଶବ୍ଦରୁ ପ୍ରକାଶ୍ୟଯେ, ଅଲ୍ଲାଃତାଲା ମୋତେ ଆରୋଗ୍ୟ ପ୍ରଦାନ କଲେ ।

ହଜୁର୍ ଅନଓ୍ୱର୍ ଅ.ବ କହିଲେ ଯେ, କଳିଯୁଗର ହକମ୍ ଓ ଅଦଲ୍ (ମଧ୍ୟସ୍ଥକାରୀ ଓ ନ୍ୟାୟକାରୀ) ଙ୍କର ଉପଦେଶ ପଢି ଶୁଣାଇ ଦେଉଛି ଯେ, ଯାହାକି ସମସ୍ତ ବ୍ୟାଖ୍ୟା, ବର୍ଣ୍ଣନା ଠାରୁ ଅଧିକ ଗୁରୁତ୍ୱାରୋପ କରେ । ତାହା ହେଉଛି ଯେ, ଜଣେ ବ୍ୟକ୍ତି ହଜ଼ରତ୍ ମସିହ୍ ମଉଦ୍ ଅ.ସଙ୍କ ସଭାରେ ପ୍ରଶ୍ନ କଲା ଯେ, ଆଁହଜ଼ରତ୍ ସ.ଅଙ୍କ ଉପରେ ଜଣେ ଅବିଶ୍ୱାସକାରୀ ଜାଦୁ କରିଥିଲା । ଏ ସଂପର୍କରେ ଆପଣଙ୍କ କ'ଣ ପ୍ରତିକ୍ରିୟା ବା ମତାମତ ରହିଛି ? ହଜ଼ରତ୍ ମସିହ୍ ମଉଦ୍ ଅ.ସ ତାକୁ ଉତ୍ତର ଦେଲେ ଯେ, ଜାଦୁ ବିଦ୍ୟାର ପ୍ରୟୋଗ ଶୈତାନ୍ ତରଫରୁ ହିଁ ହୋଇଥାଏ । ରସୁଲମାନେ ଏବଂ ନବୀମାନଙ୍କ କ୍ଷେତ୍ରରେ ଏଭଳି ଦୁଷ୍କୃତ୍ୟମୂଳକ ଜାଦୁବିଦ୍ୟାର ପ୍ରୟୋଗ କଦାପି ଉଦ୍ଦିଷ୍ଟ ନୁହେଁ ଏବଂ ତାଙ୍କ ଉପରେ ଏହାର କୌଣସି ପ୍ରଭାବ ପଡ଼ି ନଥାଏ ବରଂ ଜାଦୁ ସେହି ନବୀମାନଙ୍କୁ ଦେଖି ପଳାୟନ କରିଥାଏ । ଯେପରିକି ଅଲ୍ଲାଃତାଲା କୁରଆନ୍ କରୀମରେ ବର୍ଣ୍ଣନା କରନ୍ତି ଯେ, **ୱଲା ୟୁଫ୍ ଲିହୁସ୍ ସାହିରୁ ହୈସୁ ଅତା ।** ଏହି କଥା ସଂପୂର୍ଣ୍ଣ ରୂପେ ମଥ୍ୟା ଯେ, ଆଁହଜ଼ରତ୍ ସ.ଅଙ୍କ ଉପରେ ଜାଦୁ ବିଦ୍ୟାର ପ୍ରୟୋଗ ହୋଇଥିଲା ଏବଂ ଆଁହଜ଼ରତ୍ ସ.ଅଙ୍କ ଉପରେ ଏହାର ପ୍ରଭାବ ସଂପୂର୍ଣ୍ଣ ରୂପେ କାୟାବିସ୍ତାର କରିଥିଲା । ଆମେମାନେ ଏହାକୁ  କେବେହେଲେ ବା କଦାପି ସ୍ୱୀକାର କରିପାରିବୁ ନାହିଁ । ବୁଖାରୀ ଏବଂ ସହି ମୁସଲିମ୍ ପରି ଆହଦିସ୍ ପୁସ୍ତକୁ ଅନ୍ଧଭାବରେ ଗ୍ରହଣ କରିବା ବା ଅନୁକରଣ କରିବା ଆମ ଧର୍ମ ବିରୁଦ୍ଧୀୟ ଅଟେ । ଏହାକୁ ତ' ବୁଦ୍ଧି ଓ ବିବେକ ମଧ୍ୟ ଗ୍ରହଣ କରିପାରିବ ନାହିଁ ଯେ, ଏପରି ସର୍ବୋଚ୍ଚ ଓ ସର୍ବଶ୍ରେଷ୍ଠ ନବୀ ସ.ଅଙ୍କ ଉପରେ ଜାଦୁ ବା ତନ୍ତ୍ର ସାଧନା କରି ତାଙ୍କୁ ଅସହାୟ କରାଯାଇ ପାରିବ । ଏହା ଏଭଳି ଏକ ଅମଙ୍ଗଳ କଥା ଯେ, କୌଣସି ଜାଦୁର ପ୍ରଭାବ ଫଳରେ ନାଉଜୁବିଲ୍ଲାଃ ଆଁହଜ଼ରତ୍ ସ.ଅଙ୍କର ସ୍ମରଣ ଶକ୍ତିରେ ହ୍ରାସ ଘଟିଛି, କୌଣସି ପରିସ୍ଥିତିରେ ସଠିକ୍  ହୋଇ ପାରିବ ନାହିଁ । ସେହି ଲୋକମାନଙ୍କୁ କେଜାଣେ କଣ ହୋଇଯାଇଛି ଯେ, ଯେଉଁ ନିର୍ଦ୍ଦୋଷ ନବୀ ସ.ଅଙ୍କୁ ସମସ୍ତ ନବୀମାନେ ଏହା ଭାବିଥିଲେ ଯେ, ତାଙ୍କୁ (ସ.ଅଙ୍କୁ) ଶୈତାନ୍ ସ୍ପର୍ଶ କରିପାରିବ ନାହିଁ । ତାଙ୍କ ସମ୍ବନ୍ଧରେ ଏଭଳି ଜଘନ୍ୟ ବାକ୍ୟ ଉଚ୍ଚାରଣ କରିବା ମହା ପାପ ଅଟେ ।

ହୁଜୁର୍ ଅନଓ୍ୱର୍ ଅ.ବ କହିଲେ ଯେ, ଅଲହମଦୁ ଲିଲ୍ଲାଃ ଯେ, ଆମ୍ଭେମାନେ ଯୁଗର ଇମାମଙ୍କୁ ସ୍ୱୀକାର କରି ଆଁହଜ଼ରତ୍ ସ.ଅଙ୍କ ମର୍ଯ୍ୟାଦା ଏବଂ ମହନୀୟତାକୁ ମଧ୍ୟ ହୃଦୟଙ୍ଗମକାରୀ ଏବଂ ପରିଚିତକାରୀ ରୂପେ ବିବେଚିତ ହୋଇପାରିଛୁ ।

**KHULASA KHUTBA JUMA HUZOOR ANWAR a.b.a**

**..........................................................**

**8th March2019**

**..................**